ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 10-10-2025

ଗଜପତି(ଓଡିଶା) - :2025-10-10 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2025-10-11 | 2025-10-12 | 2025-10-13 | 2025-10-14 | 2025-10-15 |
|---|---|---|---|---|---|
| ବର୍ଷା (ମିମି) | 8.0 | 10.0 | 9.0 | 5.0 | 3.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 33.0 | 33.0 | 34.0 | 34.0 | 34.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 25.0 | 25.0 | 25.0 | 25.0 | 26.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 95 | 94 | 95 | 95 | 97 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 66 | 66 | 65 | 64 | 62 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 2 | 2 | 2 | 2 | 3 |
| ପବନର ଦିଗ (ଡିଗ୍ରୀ) | 342 | 342 | 351 | 9 | 90 |
| ମେଘାଛନ୍ନ (ଅକ୍ଟା) | 5 | 5 | 5 | 4 | 3 |
| ସତର୍କବାଣୀ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତ ପାଣିପାଗ ବିଭାଗରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ମଙ୍ଗଳବାର ଦିନ ପର୍ଯ୍ୟନ୍ତ ଅତି ହାଲୁକା ରୁ ହାଲୁକା ବର୍ଷା ହେବା ସହିତ ଆକାଶ ଆଂଶିକ ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୨.୦ ରୁ ୦୩.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୩.୦° ସେଲସିୟସ ରୁ ୩୪.୦° ସେଲସିୟସ ଏବଂ ୨୫.୦° ସେଲସିୟସ ରୁ ୨୬.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୯୪ ରୁ ୯୭ ଶତକଡା ଏବଂ ୬୨ ରୁ ୬୬ ଶତକଡା ମଧ୍ୟରେ ରହିପାରେ ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

ହଳଦିଆ ଚେତାବନୀ (ସତର୍କ ରୁହନ୍ତୁ): - ବିଜୁଳି ଓ ଘଡଘଡି ବର୍ଷା ସହିତ ଝଟକା ପବନ ବହିବାର ସମ୍ଭାବନା ରହିଛି ।

**ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:**

| |
|---|
| □ ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା □ ପନିପରିବା ତଳି ଘେରା ନଷ୍ଟ ହେବ □ ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା □ ବିଲ ଓ ଫସଲରେ ପାଣି ଜମିବା |

**ସାଧାରଣ ଉପଦେଶ:**

| |
|---|
| ଗଜପତି ଜିଲ୍ଲାରେ ଗତ ସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୩.୪° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୩.୭° ସେଲସିୟସ ଥିଲା । ଗତ ସପ୍ତାହରେ ଜିଲ୍ଲାରେ ୫୦.୬ ମିଲିମିଟର ବର୍ଷା ହୋଇଅଛି । ଧାନ ଫସଲରେ ଗଣ୍ଠି ଛାଡିବା ବା ଗର୍ଭସଂଚାର ଆରମ୍ଭ ହେବା ଅବସ୍ଥାରେ ୫ ରୁ ୧୦ ସେମି ଠିଆ ପାଣି ରଖନ୍ତୁ । ଧାନ, ଅଣାଧାନ ଫସଲ ଏବଂ ପନିପରିବା ତଳିଘେରାରୁ ଅତ୍ୟଧିକ ଜଳ ନିଷ୍କାସନ କରନ୍ତୁ । ଘାସ ବଛାବଛି କରି କ୍ଷେତକୁ ସଫା ରଖନ୍ତୁ । ଚକଡା ଏବଂ ଧଳାପିଠିଆ ଗଛ ଡିଆଁ ପୋକର ପରିଚାଳନା ପାଇଁ ଅଧିକ ଯବକ୍ଷାରଜାନ ସାର ବ୍ୟବହାର ନକରି ସୁଷମ ସାର ପରିଚାଳନା କରନ୍ତୁ । ଚାଷୀମାନେ ଉଚ୍ଚ ଓ ମଧ୍ୟମ ଜମିରେ ଶାଗ, କୋଳଥ, ମୁଗ, ବିରି, ଝୁଡଙ୍ଗ, କନ୍ଦମୂଳ ଓ ରାଶି ଆଦି ଅଳ୍ପ ଦିନିଆ ରବି ଜାତୀୟ ଫସଲ ଚାଷ କରନ୍ତୁ । ପନିପରିବା ତଳିରେ ମୂଳପଚା ରୋଗ ଲାଗିବାର ସମ୍ଭାବନା ରହିଛି, ତେଣୁ ପ୍ରତି ଲିଟର ପାଣିରେ ୨ ଗ୍ରାମ Captan କିମ୍ବା ୨.୫ ଗ୍ରାମ Copper Oxychloride ମିଶାଇ ମାଟିକୁ ଭଲଭାବରେ ଭିଜାନ୍ତୁ । ବର୍ଷାଯୋଗୁଁ ଲତାଜାତୀୟ ପନିପରିବା ଫସଲର ରଞ୍ଜା ବା ଟ୍ରେଲି ପଡିଯାଇଥିଲେ ସଳଖ କରିଦିଅନ୍ତୁ । |

**ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:**

| |
|---|
| ପନିପରିବା ଚାଷରେ ଶୋଷକ କୀଟ, ଫଳମାଛି ଏବଂ ଫଳ ଓ କାଣ୍ଡବିନ୍ଧା ପୋକର ପରିଚାଳନା ନିମନ୍ତେ ଚାଷୀଭାଇମାନେ ଏକର ପିଛା ୮ଟି ଫେରୋମୋନ ଯନ୍ତା ଲଗାନ୍ତୁ । |

**ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ବର୍ତ୍ତମାନ ସମୟରେ ବାୟୁମଣ୍ଡଳର ଅଧିକ ତାପମାତ୍ରା, ଆର୍ଦ୍ରତା ଓ ବର୍ଷାପରେ ସ୍ୱଚ୍ଛ ଆକାଶ ରହୁଥିବା ଯୋଗୁଁ ଧାନ ଫସଲରେ ମାଟିଆ ଗୁଣ୍ଡିପୋକ ବା ଚକଡା ଏବଂ ଧଳାପିଠିଆ ଗଛ ଡିଆଁ ପୋକ ଦେଖାଦେଇଛି । ଏହି ପୋକ ଗୁଡିକର ପରିଚାଳନା ପାଇଁ ଅଧିକ ଯବକ୍ଷାରଜାନ ସାର ବ୍ୟବହାର ନକରି ସୁଷମ ସାର ପରିଚାଳନା କରନ୍ତୁ । ଧାନ ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ରଖନ୍ତୁ ନାହିଁ । ଜଳ ନିୟନ୍ତ୍ରଣର ସୁବିଧା ଥିଲେ ପର୍ଯ୍ୟାୟ କ୍ରମେ ଜଳସେଚନ ଏବଂ ନିଷ୍କାସନ କରନ୍ତୁ ଯେମିତିକି କ୍ରମାଗତ ଭାବରେ ମାଟି ଓଦା ଏବଂ ଶୁଖିଲା ରହିବ । ସୂର୍ଯ୍ୟାଲୋକ ଏବଂ ବାୟୁ ଚଳାଚଳ ପାଇଁ ପୂର୍ବ ରୁ ପଶ୍ଚିମ ଦିଗକୁ ୬ ଫୁଟ ବ୍ୟବଧାନରେ ପାହି କରନ୍ତୁ । ପ୍ରାଥମିକ ଅବସ୍ଥାରେ ବୁଦା ପ୍ରତି ୫ ରୁ ୧୦ ଟି ପୋକ ଦେଖାଦେଲେ ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକ ଗୁଡିକର ପରିଚାଳନା ପାଇଁ ଏକର ପ୍ରତି ୧୨୦-ଗ୍ରାମ Pymetrozine କିମ୍ବା ୮୦-ଗ୍ରାମ Dinotefuran କିମ୍ବା ୬୦-ଗ୍ରାମ Flonicamid କିମ୍ବା ୧୦୦-ମିଲି Triflumezopyrim, ୨୦୦-ଲିଟର ପାଣିରେ ମିଶାଇ ବୁଦା ମୂଳକୁ ଲକ୍ଷ୍ୟ କରି ସିଂଚନ କରନ୍ତୁ । ମାଟିଆ ଗୁଣ୍ଡି ପୋକ ପାଇଁ ଅନୁମୋଦିତ କୀଟନାଶକକୁ ସଠିକ ମାତ୍ରାରେ ବ୍ୟବହାର କରନ୍ତୁ । ଜୀବାଣୁ ଜନିତ ପତ୍ରପୋଡା ରୋଗ ଦେଖାଦେଲେ ପ୍ରଥମେ ଆକ୍ରାନ୍ତ ଧାନ କିଆରୀରେ ପାଣି ଜମି ରହୁଥିଲେ ପାଣି କାଟିଦିଅନ୍ତୁ । ବିଲରୁ ଅନାବନା ଘାସ ବାଛି ଦିଅନ୍ତୁ । ରୋଗ ଲାଗିଥିବା ସମୟରେ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ । ଏକର ପ୍ରତି ୬-୮ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ । ଜୈବିକ ଉପାୟରେ ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୨୦-କିଲୋଗ୍ରାମ ସଜ ଗୋବରକୁ ୨୦୦ ଲିଟର ପାଣିରେ ମିଶାନ୍ତୁ ଏବଂ ଏହି ମିଶ୍ରଣକୁ ଭଲଭାବରେ ଛାଣି ଆକ୍ରାନ୍ତ କିଆରୀରେ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦-ଗ୍ରାମ Copper Hydroxide କିମ୍ବା ୨୦୦-ଗ୍ରାମ Plantomycin ସହିତ ୬୦୦-ଗ୍ରାମ Copper Oxy Chloride ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବର୍ଷା ଛାଡିବା ପରେ ଧାନରେ ଲେଡା ପୋକ ଲାଗିବାର ସମ୍ଭାବନା ରହିଛି । ଏହାର ନିୟନ୍ତ୍ରଣ ପାଇଁ ସନ୍ଧ୍ୟା ସମୟରେ ପ୍ରତି ଲିଟର ପାଣିରେ ୧.୫ ମିଲି ଲାମ୍ବଡା ସାଇହାଲୋଥ୍ରିନ କିମ୍ବା ୨ ମିଲି କ୍ଲୋରପାଇରିଫସ ଓ ସାଇପରମେଥ୍ରିନ ର ମିଳିତ କୀଟନାଶକକୁ ସିଞ୍ଚନ କରନ୍ତୁ । ପୋକ ଗୁଡିକ ରାତ୍ରିଚର ହୋଇଥିବାରୁ କୀଟନାଶକ କୁ ଉପର ବେଳା କିମ୍ବା ସନ୍ଧ୍ୟା ସମୟରେ ସିଞ୍ଚନ କରନ୍ତୁ । |
| ବାଦାମ | ଜୈବିକ ଉପାୟରେ ଧୂଆଁପତ୍ର ଗୋଟି ପୋକର ପରିଚାଳନା ପାଇଁ ଏକର ପ୍ରତି ୬ ଟି ଲେଖାଏଁ ସଂଘ ଆକର୍ଷକ ଯନ୍ତା Spodolure ବ୍ୟବହାର କରନ୍ତୁ । ଏକର ପ୍ରତି ୮ଟି ଆଲୋକଯନ୍ତା ବସାନ୍ତୁ । ଏକର ପ୍ରତି ୪୦୦ ଗ୍ରାମ Bacillus thuringenesis କିମ୍ବା ୫୦୦ |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ଗ୍ରାମ Beauveria bassiana କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Chlorpyriphos ଓ Cypermethrin ର ମିଳିତ କୀଟନାଶକ କିମ୍ବା ୩୦୦ ମିଲି Lambda Cyhalothrin ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । |
| ମକା | ମକା ଫସଲ ବର୍ତମାନ ଫଳ ବୃଦ୍ଧିରୁ ପରିପକ୍ୱ ଅବସ୍ଥାରେ ଅଛି । ଜମିରୁ ଅତ୍ୟଧିକ ଜଳ ନିଷ୍କାସନ କରନ୍ତୁ । ବର୍ତ୍ତମାନ ସମୟରେ ଅନେକ ସ୍ଥାନରେ ମକା ଫସଲରେ ଫଲ ଆର୍ମି ୱର୍ମ ନାମକ କୀଟର ଆକ୍ରମଣ ଦେଖା ଦେଉଛି । ମକା ଗଛରେ ଫଲ ଆର୍ମି ୱର୍ମ ପୋକ କିମ୍ବା ଅଣ୍ଡା ପୁଞ୍ଜ ଦେଖିବା ମାତ୍ରେ ହାତରେ ଧରି ନଷ୍ଟ କରିଦିଅନ୍ତୁ । ଜୈବିକ ଉପାୟରେ ମକା ଫସଲରେ ଫଲ ଆର୍ମି ୱର୍ମ କୀଟର ପରିଚାଳନା ପାଇଁ ଏକର ପ୍ରତି ୧୨୦୦-ଗ୍ରାମ ବିୟୁଭେରିଆ ବାସିଆନା ନାମକ ଜୈବ କୀଟନାଶକକୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏକର ପ୍ରତି ୧୦-୧୨ ଟି ବାଉଁଶ କଣି ବା ଶୁଖିଲା ଡାଳ ପୋତିଲେ ତା ଉପରେ ଶିକାରୀ ପକ୍ଷୀ ଗୁଡିକ ବସି ଶୁକ ଏବଂ ଅଣ୍ଡା ଗୁଡ଼କୁ ଖାଇଥାନ୍ତି । ଚଅଁର ଆସିବା ପୂର୍ବରୁ ଏହି ବାଉଁଶ କଣି ଗୁଡକୁ କାଢି ଦିଅନ୍ତୁ । ମକା ଗଛର ପତ୍ର ସନ୍ଧାରେ ବାଲି, ମାଟି ଏବଂ ପାଉଁଶର ମିଶ୍ରଣକୁ ବିଞ୍ଚିଦିଅନ୍ତୁ, ଏହା କରିବା ଦ୍ୱାରା ପତ୍ର ଗୁଡିକ ପୋକ ମାନଙ୍କର ଖାଇବା ପାଇଁ ଅରୁଚିକର ହୋଇଥାଏ । ରସାୟନିକ ଉପାୟରେ ଫଲ ଆର୍ମି ୱର୍ମ କୀଟର ପରିଚାଳନା ପାଇଁ ଏକର ପ୍ରତି ୮୦-ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ ନାମକ କୀଟନାଶକ କିମ୍ବା ୧୦୦-ମି.ଲି ସ୍ପାଇନେଟୋରାମ ନାମକ କୀଟନାଶକ କିମ୍ବା ୮୦-ମି.ଲି କ୍ଲୋରାନଟ୍ରାନିଲିପ୍ରୋଲ ନାମକ କୀଟନାଶକକୁ ୨୦୦- ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ତୁଳା | ପ୍ରାରମ୍ଭିକ ଅବସ୍ଥାରେ ଶୋଷକ ଜାତୀୟ କୀଟ ଯଥା ଜଉପୋକ, ଧଳା ମାଛି ଓ ସବୁଜ ପତ୍ରଡିଆଁ ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଜାତ କୀଟନାଶକ ୧୫୦୦ ପିପିଏମକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏକର ପ୍ରତି ୮ ଟି ଲେଖାଏଁ ହଳଦିଆ ଅଠାଳିଆ ଯନ୍ତା ବ୍ୟବହାର କରନ୍ତୁ । ପୋକ ଗୁଡିକର ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ଶୋଷକ କୀଟ ଗୁଡିକର ପରିଚାଳନା ପାଇଁ ଏକର ପ୍ରତି ୬୦ ଗ୍ରାମ Flonicamid ନାମକ କୀଟନାଶକ କିମ୍ବା ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୮୦ ଗ୍ରାମ Dinotefuran ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ । ବକରା ବିନ୍ଧା ପୋକର ପରିଚାଳନା ପାଇଁ ଏକର ପ୍ରତି ୮୦ ଗ୍ରାମ Emamectin benzoate କିମ୍ବା ୬୦ ମିଲି Spinosad କିମ୍ବା ୮୦ ମିଲି Flubendiamide ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଇଗଣ | ବର୍ତ୍ତମାନ ବାଇଗଣ ଫୁଲ ଧରିବାରୁ ଫଳ ଅବସ୍ଥାରେ ଅଛି । ବର୍ଷା ଛାଡିଲା ପରେ ଏବଂ ଦିନ ଏବଂ ରାତ୍ରି ତାପମାତ୍ରାରେ ବୃଦ୍ଧି ସକାଳେ ଆପେକ୍ଷିକ ଆର୍ଦ୍ରତା ୭୦ ପ୍ରତିଶତରୁ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ବାଇଗଣରେ କାଣ୍ଡ ଏବଂ ଫଳ ବିନ୍ଧା ପୋକ ଲାଗିବାର ସମ୍ଭାବନା ରହିଛି । ଏହି ପୋକର ପରିଚାଳନା ପାଇଁ ପ୍ରଥମେ ଜମିରୁ ଆକ୍ରାନ୍ତ ଡାଳ, ପତ୍ର ଓ ଫଳ ଗୁଡିକ ସଂଗ୍ରହ କରି ଦୂରରେ ନଷ୍ଟ କରିଦିଅନ୍ତୁ । ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି Leucin Lure ଥିବା ସଙ୍ଗ ଆକର୍ଷକ ଯନ୍ତାରୁ ୮ ଟି ରଖନ୍ତୁ । ବାଇଗଣ ଫସଲରେ ଯଦି ଶତକଡା ୪ ଭାଗ ଅଗ ଝାଉଁଳା ବା ଶତକଡା ୧୪ ଭାଗ ପୋକଡା ଫଳ ଦେଖୁଛନ୍ତି ତା ହେଲେ ରାସାୟନିକ ଔଷଧ ପ୍ରୟୋଗ କରନ୍ତୁ । ଏହି ପୋକର ରାସାୟନିକ ପରିଚାଳନା ପାଇଁ ଏକର ପ୍ରତି ୮୦ ଗ୍ରାମ Emamectin Benzoate ନାମକ ଔଷଧ କିମ୍ବା ୮୦ ମିଲି Chlorantraniliprole ନାମକ ଔଷଧ କିମ୍ବା ୨୦୦ ମିଲି Spinetoram ନାମକ ଔଷଧ କୁ ୨୦୦ ଲିଟର କିମ୍ବା ୧୩ ଡ୍ରମ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହି କୀଟନାଶକ ମଧ୍ୟରୁ ଯେକୌଣସି ଗୋଟିଏ ଔଷଧ କୁ ବାରମ୍ବାର ପ୍ରୟୋଗ ନକରି ଅଦଳ ବଦଳ କରି ପ୍ରତି ୧୫ ଦିନ ଅନ୍ତରରେ ସିଞ୍ଚନ କରନ୍ତୁ । |
| କଦଳୀ | ଘୁଣିପୋକ / ଶୁଣ୍ଢ଼ା ପୋକର ପରିଚାଳନା ପାଇଁ କଦଳୀ ବଗିଚାରେ ଏକର ପ୍ରତି ୧୦ଟି Cosmolure ଥିବା ସଂଗ ଆକର୍ଷକ ଯନ୍ତା ବସାନ୍ତୁ । ଗଛ ଲଗାଇବା ବେଳକୁ କନ୍ଦା ଗୁଡିକୁ ଉଷୁମ ପାଣିରେ ବୁଡାଇ (୩୦ମିନିଟ) ତା'ପରେ ଲଗାନ୍ତୁ । ଗାତ ଗୁଡିକରେ ୨୫୦ ଗ୍ରାମ ନିମ୍ବ ପିଡିଆ କିମ୍ବା ୨୫-୫୦ ଗ୍ରାମ ଯେକୌଣସି ଦାନାଦାର କୀଟନାଶକ ଦେଇ ଲଗାନ୍ତୁ । ଏହି ପୋକର ଆକ୍ରମଣରୁ ରକ୍ଷା ପାଇବା ପାଇଁ ଆକ୍ରାନ୍ତ ଗଛକୁ କାଟି ଟିକିଟିକି କରି ଖରରେ ଶୁଖାଇ ଦିଅନ୍ତୁ । କଦଳୀ ବଗିଚା ସଫାସୁତୁରା ରଖନ୍ତୁ। |
| ಟೊಣಸಿ ನಾೃಠಿ | ବର୍ଷା ପରେ ଟମାଟୋ, ଲଙ୍କା ଏବଂ ବାଇଗଣ ଫସଲରେ ଝାଉଁଳା ଓ ମୂଳ ଶଢା ରୋଗ ଦେଖା ଦେବାର ସମ୍ଭାବନା ରହିଛି । ବର୍ଷା ଛାଡିଗଲା ପରେ ପ୍ରତି ୧୦ ଲିଟର ପାଣିରେ ୧.୫ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ ଓ ୨୦ ଗ୍ରାମ ମେଟାଲାଗଜିଲ ଓ ମାଙ୍କୋଜେବର ମିଶ୍ରଣକୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ । |
| ଲଙ୍କା | ବର୍ଷା ପରେ ଟମାଟୋ, ଲଙ୍କା ଏବଂ ବାଇଗଣ ଫସଲରେ ଝାଉଁଳା ଓ ମୂଳ ଶଢା ରୋଗ ଦେଖା ଦେବାର ସମ୍ଭାବନା ରହିଛି । ବର୍ଷା ଛାଡିଗଲା ପରେ ପ୍ରତି ୧୦ ଲିଟର ପାଣିରେ ୧.୫ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ ଓ ୨୦ ଗ୍ରାମ ମେଟାଲାଗଜିଲ ଓ ମାଙ୍କୋଜେବର ମିଶ୍ରଣକୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ । |

### ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଇ | ଯଦି ଆପଣଙ୍କର ଗୃହପାଳିତ ପ୍ରାଣୀ ଦୁର୍ବଳ ହେଇଯାଉଛି, ଖାଦ୍ୟ ଗ୍ରହଣ ଠିକ ଭାବରେ କରୁ ନାହିଁ, ବାଛୁରି ମାନେ ଠିକ ଭାବେ ବଢୁନାହାନ୍ତି, ଦେହରେ ଚମଡା ଚିକ୍କଣ ଦେଖାଯାଉ ନାହିଁ, ପତଳା ଝାଡା ହେଉଛି, ଆଖି ଭିତର ସେଥା ଦେଖାଯାଉଛି, ଦୁଗ୍ଧ ଉତ୍ପାଦନ କମି ଯାଉଛି ତାହଲେ ପ୍ରାଣୀଟି କୃମି ଦ୍ଵାରା ଆକ୍ରାନ୍ତ ହୋଇଥାଇପାରେ । ଯଥା ସମୟରେ ଚିକିତ୍ସା ନକଲେ ପ୍ରାଣୀଟି ମୃତ୍ୟୁମୁଖରେ ପଡିପାରେ । ତେଣୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ପ୍ରାଣୀମାନଙ୍କର ମଳ ଓ ଗୋବର ସ୍ଥାନୀୟ ଚିକିତ୍ସା କେନ୍ଦ୍ରରେ ପରୀକ୍ଷା କରାନ୍ତୁ । |

### ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ ଫୀସହ | ପୋଖରୀରୁ ଅଧିକ ଜଳ ନିଷ୍କାସନ କରନ୍ତୁ । ମାଛ ଯେପରି ବାହାରକୁ ନଆସିବେ ତାର ଯତ୍ନ ନିଅନ୍ତୁ । ଶିକାରୀ ଏବଂ ଅଦରକାରୀ ମାଛ ନିରାକରଣ ପାଇଁ ହେକ୍ଟର ପ୍ରତି ୨.୫ କେଜି ମହୁଆ କେକ ୧ ମିଟର ଗଭୀର ପାଣିରେ ପ୍ରୟୋଗ କରନ୍ତୁ । |

### ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) | ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଜେନେରାଲ ଡବିସିଏ | ସାହେବୀ ରୋଗର ବାହକ ଗୁଡିକର ପରିଚାଳନା ପାଇଁ ମଞ୍ଜି ଗଜାହେବାର ୧୦-୧୨ ଦିନ ପରେ ଏକର ପ୍ରତି ୮-୧୦ ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାନ୍ତୁ । ପୋକ ଆକ୍ରମଣ ଅଧିକ ହେଲେ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ଜେନେରାଲ ଡବିସିଏ | ବର୍ଷା ପରେ ପନିପରିବା ଫସଲ ଜମିରେ ପାଣି ଜମି ରହିଥିଲେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ପନିପରିବା ଫସଲ ଯଥା ବାଇଗଣ, ଲଙ୍କା ଆଦି ଫସଲରେ ଝାଉଁଳା ରୋଗ ଲାଗିବାର ସମ୍ଭାବନା ରହିଛି । ଝାଉଁଳା ରୋଗର ପରିଚାଳନା ପାଇଁ ପ୍ରଥମେ ଆକ୍ରାନ୍ତ ଗଛ ଗୁଡିକୁ ଓପାଡି ଦୂରରେ ନଷ୍ଟ କରିଦିଅନ୍ତୁ । ଫସଲରେ ଅଧିକ ପରିମାଣରେ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ । ଏକର ପ୍ରତି ୨୦୦-ମିଲି Tebuconazole ଫିମ୍ପିନାଶକ ସହିତ ୨୦-ଗ୍ରାମ Streptocycline ମିଶାଇ ଗଛ ମୂଳକୁ ଭଲଭାବରେ ଭିଜାନ୍ତୁ । |

### ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| □ ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ଵ ଅମଳ ନଷ୍ଟ ହେବ ଓ ସଢିବା □ ପନିପରିବା ତଳି ଘେରା ନଷ୍ଟ ହେବ □ ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା □ ବିଲ ଓ ଫସଲରେ ପାଣି ଜମିବା |

### ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

| |
|---|
| ୧. ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ଵ ଅମଳ ନଷ୍ଟ ହେବ ଓ ସଢିବା • ପନିପରିବା ର ବୁଢା/ହଳଦିଆ ହୋଇଯାଇଥିବା ତଳ ପତ୍ର ଗୁଡିକୁ ଛିଣ୍ଡାଇ ନଷ୍ଟ କରି ଦିଅନ୍ତୁ । • ପନିପରିବା ଫସଲରେ ଗଛ ମୂଳକୁ ମାଟି ଟେକି ଦିଅନ୍ତୁ । • ଡଙ୍କ ଜାତୀୟ ପନିପରିବା ଯେପରି ଜହ୍ନି, କଲରା ଇତ୍ୟାଦି ଗୁଡିକ ରେ ରଞ୍ଜା ପୋତି ଭଲ ଭାବରେ ଉଠେଇ ଦିଅନ୍ତୁ । • ପନିପରିବା ଫସଲର ତଳିଘରା ଏବଂ ଜମିରେ ଲାଗିଥିବା ଫସଲକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଧଳା ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ । • ଝାଉଁଳା ଓ ମୂଳସଢା ରୋଗ ଦେଖାଦେଲେ ତେଣୁ ବର୍ଷା ଛାଡିଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ ମେଟଲାଗଜିଲ ଓ ମାଙ୍କୋଜେବ ର ମିଳିତ ମିଶ୍ରଣ ଓ ୧.୫ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ କୁ ମିଶାଇ ଏହି ଦ୍ରବଣକୁ ଫସଲର ମୂଳକୁ ଭିଜାନ୍ତୁ । ୨. ପନିପରିବା ତଳି ଘେରା ନଷ୍ଟ ହେବ • ପନିପରିବା ଫସଲର ତଳିଘରା ଏବଂ ଜମିରେ ଲାଗିଥିବା ଫସଲକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଧଳା ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ । ୩. ଫଳ |

ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା • ନୂଆ ଫଳ ହୋଇଥିବା ଗଛ ଗୁଡିକୁ ଢେରା/ଭରା ଦିଅନ୍ତୁ । • ଯଥାଶୀଘ୍ର ପାଚିଲା ଫଳ ଅମଳ କରନ୍ତୁ ଏବଂ ବଜାରରେ ବିକ୍ରୟ କରନ୍ତୁ । ୪ . ବୁଣା ବୁଣି, ସିଞ୍ଚନ ଓ ଫସଲରେ ପାଣି ମଡାଇବା ସାମୟିକ ଭାବରେ ସ୍ଥଗିତ ରଖନ୍ତୁ ।

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**